## ଇଂଲିଶ ସମ୍ମାନ ବିଭାଗ ପାଠଚକ୍ର

**ରମ୍ଭା:** ରମ୍ଭା ଶ୍ରୀ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ ସଭାଗୃହ ପରିସରରେ ଅଧକ୍ଷ ଅଭିମନ୍ୟୁ ସାହୁଙ୍କ ସଭାପତିତ୍ୱରେ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସହୀଦ ଭଗତ ସିଂ ମହାବିଦ୍ୟାଳୟ ଇଂରାଜୀ ପ୍ରାଧାପକ ଡ଼. ଭଗବାନ ତ୍ରିପାଠୀ, କନିଷ୍ଠ ମହାବିଦ୍ୟାଳୟ ଅଧକ୍ଷ ପ୍ରସାଦ ରାଓ ପୃଷ୍ଟି, ମହାବିଦ୍ୟାଳୟର ପ୍ରାକ୍ତନ ପ୍ରତିଷ୍ଠାତା ଓ ସମ୍ପାଦକ ସୁବାସ ଚନ୍ଦ୍ର ପଣ୍ଡା, ମୋ କଲେଜ ସଦସ୍ୟ ଚନ୍ଦ୍ରଶେଖର ନାହାକ, ଓଡ଼ିଆ ଅଧାପକ ଭାସ୍କର ଚନ୍ଦ୍ର ମୁଦୁଲି ପ୍ରମୁଖ ମଞ୍ଚାସୀନ ହୋଇ ଉପସ୍ଥିତ ଥିଲେ। ବିଭାଗୀୟ ଛାତ୍ର ରଘୁମଣି ବେହେରା ପାଠଚକ୍ର ପ୍ରବନ୍ଧ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧାପିକା ଅଧାପକ ଓ କର୍ମଚାରୀ ପରିଚାଳନା କରିଥିଲେ। ଶେଷରେ ବିଭାଗୀୟ ମୁଖ୍ୟ ବ୍ରଜ ମୋହନ ପଣ୍ଡା ଧନ୍ୟବାଦ ଦେଇଥିଲେ।

### ସଂକ୍ଷେପରେ

## ଜୁଆ ଆଡ୍ଡାରେ ଚଢ଼ାଉ ବେଳେ ପୋଲିସକୁ ଠେଲାପେଲା

### ୬ କୋର୍ଟଚାଲାଣ, ଟଙ୍କା, ମୋବାଇଲ ଜବତ

**ଗୋପାଳପୁର,୨୯।୫(ଡି.ଏନ.ଏ.):** ଜୁଆ ଆଡ୍ଡାରେ ଚଢ଼ାଉ ବେଳେ ପୋଲିସକୁ ଠେଲାପେଲା ଓ ଗାଳିଗୁଲଜ କରିବା ଅଭିଯୋଗରେ ଗୋଲନ୍ଥରା ଥାନା ପୋଲିସ ରବିବାର ୬ ଜଣଙ୍କୁ କୋର୍ଟଚାଲାଣ କରିଛି। ସେମାନେ ହେଲେ ଗିରିସୋଲା ଗ୍ରାମର ପି.ଉମାପତି, ବି.ଚିରଞ୍ଜୀବୀ, ପ୍ରଶାନ୍ତ ମୁଳି, ସୁନାପୁରର ଭବାନୀ ଶଙ୍କର ପାଢ଼ୀ, ରଣ୍ଡାର ଜଗନ୍ନାଥ ପାଢ଼ୀ ଓ କନିଷିହାଟ ଅଞ୍ଚଳର କାଳିଆ ସାମନ୍ତରାୟ। ସୂଚନାନୁସାରେ ଗିରିସୋଲା ଗ୍ରାମର ଶେଷ ଭାଗରେ କିଛିଦିନ ହେଲା ଜୁଆଖେଳ ଚାଲୁ ରହିଥିଲା। ଖବର ପାଇ ଶନିବାର ରାତିରେ ଗୋଲନ୍ଥରା ଥାନା ଅଧିକାରୀ ବିବେକାନନ୍ଦ ମହନ୍ତଙ୍କ ନେତୃତ୍ୱରେ ଏକ ଟିମ୍ ସାଦାପୋଷାକରେ ସେଠାରେ ଚଢ଼ାଉ କରିଥିଲେ। ଏହି ସମୟରେ ପୋଲିସକୁ ଠେଲାପେଲା କରିବା ସହ କେତେଜଣ ଜୁଆଡ଼ି ଗାଳିଗୁଲଜ କରି ଚମ୍ପଟ ମାରିଥିଲେ। ସେଠାରୁ ୬ ମୋବାଇଲ, ୪୩,୫୯୦ ଟଙ୍କା ଜବତ ହୋଇଥିଲା। ଏ ନେଇ ନଂ. ୧୭୪/୨୨ରେ ମାମଲା ରୁଜୁ କରି ରବିବାର ଉମାପତି, ଅନ୍ୟ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଇଥିବା ବେଳେ ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ କହିଛନ୍ତି।

## ୧୫ ଘଣ୍ଟା ବିଦ୍ୟୁତ୍ ସେବା ଠପ

**ଛତ୍ରପୁର,୨୯।୫(ଡି.ଏନ.ଏ.):** ଛତ୍ରପୁର ଅଞ୍ଚଳରେ ଶନିବାର କାଳବୈଶାଖୀ ପ୍ରଭାବରେ ପ୍ରବଳ ଝଡ଼ପବନ ଓ ବର୍ଷା ହୋଇଥିଲା। ଏଥିଯୋଗୁ ଛତ୍ରପୁର ସହର ଓ ଗ୍ରାମାଞ୍ଚଳରେ ବହୁ ଗଛ ଭାଙ୍ଗି ରାସ୍ତା ଅବରୋଧ ହୋଇଥିଲା। ଡାଳ ପଡ଼ି ବିଭିନ୍ନ ସ୍ଥାନରେ ତାର ଛିଣ୍ଡି ଯାଇଥିବାରୁ ବିଦ୍ୟୁତ ସେବା ଠପ ହୋଇଯାଇଥିଲା। ସନ୍ଧ୍ୟାରେ ସହରରେ ବିଦ୍ୟୁତ୍ ସଂଯୋଗ ହୋଇଥିଲେ ମଧ ସହର ବାଇପାସ, ତଳି ଅଞ୍ଚଳ ଓ ଗ୍ରାମାଞ୍ଚଳ ସମ୍ପୂର୍ଣ୍ଣ ଅନ୍ଧାରରେ ଥିଲା। ୧୫ ଘଣ୍ଟା ପରେ ରବିବାର ସକାଳେ ଗ୍ରାମାଞ୍ଚଳରେ ବିଦ୍ୟୁତ ସେବା ସ୍ୱାଭାବିକ ହୋଇଛି। ଅପରପକ୍ଷରେ ଛତ୍ରପୁର-ନରେନ୍ଦ୍ରପୁର ମଧସ୍ଥଳରେ ଥିବା ୧୩୨ କେଭି ବିଦ୍ୟୁତ ଟାୱାର ଭାଙ୍ଗି ଯାଇଛି। ଅନ୍ୟ ସୋର୍ସରୁ ଓପିଟିସିଏଲ ପକ୍ଷରୁ ଅସ୍ଥାୟୀ ରୂପେ ବିଦ୍ୟୁତ ସଂଯୋଗ ହୋଇଛି। ଟାୱାର ସଜାଡିବାକୁ ପଦକ୍ଷେପ ନିଆଯାଉଥିବା ସୂଚନା ମିଳିଛି।

## ଓଡ଼ିଆ ଶିକ୍ଷକ ନିଯୁକ୍ତି ଦାବି

**କାଶୀନଗର,୨୯।୫:** ସମ୍ପ୍ରତି ଦେଶର ଆଚିମେଣ୍ଟ (ନାସ୍)ର ତଥ୍ୟ ଅନୁଯାୟୀ ଓଡ଼ିଶାର ଛାତ୍ରୀଛାତ୍ରମାନେ ମାତ୍ର ଶତକଡ଼ା ୩୧ ଭାଗ ଭଲ ପ୍ରଦର୍ଶନ କରି ମାର୍କ ରଖୁଛନ୍ତି। ଅନ୍ୟ ଓଡ଼ିଆ ଛାତ୍ରୀଛାତ୍ରମାନେ ଓଡ଼ିଆ ଭାଷା ପେପରରେ ଫେଲ ହେଉଥିବା ତଥ୍ୟରୁ ଜଣାପଡ଼ିଛି। ଭାଷାଭିତ୍ତିକ ପ୍ରଦେଶ ଗଠନ ହେଲା। ପ୍ରଦେଶ ହେବାରୁ ଶାସନ କଲେ। କିନ୍ତୁ ଓଡ଼ିଆ ଭାଷାକୁ ଅଣଦେଖା କରୁଛ କାହିଁକି। ଆଇନ ହୋଇ ମଧ କାର୍ଯ୍ୟାଳୟଗୁଡ଼ିକରେ ଓଡ଼ିଆ ଭାଷାରେ ଆଦାନ ପ୍ରଦାନ ହୋଇପାରିନାହିଁ। ସ୍କୁଲ ଗୁଡ଼ିକରେ ତେଲୁଗୁ ଶିକ୍ଷକ, ଆଦିବାସୀ ଭାଷା (ଶଉରା) ଶିକ୍ଷକ, ତାମିଲ ଶିକ୍ଷକ, ହିନ୍ଦୀ ଶିକ୍ଷକ, ସଂସ୍କୃତ ଶିକ୍ଷକ ନିଯୁକ୍ତି ଦିଆଯାଉଛି। କିନ୍ତୁ ଓଡ଼ିଆ ଭାଷା ପାଠ ପଢ଼ାଉଥିବା ନିମନ୍ତେ ଓଡ଼ିଆ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବାକୁ ଓଡ଼ିଆ ଭାଷା ସୁରକ୍ଷା ସମ୍ମିଳନୀର ସଭାପତି ହୃଷୀକେଶ ଗୌଡ଼ ରାଜ୍ୟ ସରକାରଙ୍କ ଠାରେ ଦାବି ଉପସ୍ଥାପନ କରିଛନ୍ତି।

## ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ

**ଜି.ଉଦୟଗିରି,୨୯।୫(ଡି.ଏନ୍.ଏ.):** ଜି.ଉଦୟଗିରି ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟଠାରେ ଶନିବାର ଅନ୍ତରଙ୍ଗ ଯୁବ ମହାସଂଘ, ପ୍ରଦାତ୍ତା ଓ ଭି-ଫର୍ସ, କନ୍ଧମାଳ ଆନୁକୂଲ୍ୟରେ ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପିଏଚ୍ଇଓ ମମିତା ପ୍ରଧାନ ଯୋଗ ଦେଇଥିବା ବେଳେ ମହାବିଦ୍ୟାଳୟ ଅଧକ୍ଷ ଶିବରାମ ସାହୁ, ରାଜନୀତି ବିଜ୍ଞାନ ଅଧାପିକା ସୁଧାରାଣୀ ପାତ୍ର, ଶିକ୍ଷା ଅଧାପିକା ସସ୍ମିତା ଦାସ, ଅନ୍ତରଙ୍ଗ ଶିଶୁ ଓ ମହିଳା ଅଧିକାର ସଂଯୋଜିକା ରାଜବାଳା ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦିବସ ପାଳନର ମୂଳ ଉଦ୍ଦେଶ୍ୟ ରହିବା, ଝିଅ କିମ୍ବା ମହିଳାମାନେ ଋତୁସ୍ରାବ ଭଳି ପ୍ରକୃତି ଉପରେ ଲଜ୍ଜା ନ କରି ନିଜ ପରିବାର ସଦସ୍ୟଙ୍କ ସହ ସମସ୍ତ ଶାରୀରିକ ସମସ୍ୟାକୁ ନେଇ ପରିପ୍ରକାଶ କଲେ ସ୍ୱାସ୍ଥ୍ୟରେ କୌଣସି ବାଧାପ୍ରାପ୍ତ ହେବନାହିଁ ବୋଲି ଛାତ୍ରୀମାନଙ୍କୁ କୁହାଯାଇଥିଲା। ଶାରୀରିକ ସ୍ୱାସ୍ଥ୍ୟ, ପୁଷ୍ଟିସାର ଖାଦ୍ୟ, ଲୌହଜାତୀୟ ଖାଦ୍ୟ ଖାଇବା ସହିତ କିଶୋରୀମାନଙ୍କ ପାଇଁ ଅଙ୍ଗନୱାଡ଼ି କେନ୍ଦ୍ରରେ ଦିଆଯାଉଥିବା ଆଇରନ୍ ବଟିକା ସେବନ କରିବା ଉପରେ କୁହାଯାଇଥିଲା। କାର୍ଯ୍ୟକ୍ରମକୁ ଅନ୍ତରଙ୍ଗ ଯୁବ ମହାସଂଘର ସମ୍ପାଦକ ହୃଷୀକେଶ ପ୍ରଧାନ ପରିଚାଳନା କରିଥିବା ବେଳେ ଅଧାପିକା ସୁଧାରାଣୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସମସ୍ୟାରେ ଗୋଲିଆ ଆଦର୍ଶ ବିଦ୍ୟାଳୟ

**ବୁଗୁଡ଼ା,୨୯।୫(ଡି.ଏନ୍.ଏ.)**

ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଗୋଲିଆ ଗ୍ରାମସ୍ଥ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସମ୍ପ୍ରତି ସ୍ମାର୍ଟ ସ୍କୁଲ୍‌ର ମାନ୍ୟତା ପାଇଥିଲେ ସୁଦ୍ଧା ବିଭିନ୍ନ ସମସ୍ୟାଘେରରେ ରହି ତା'ର ଆଦର୍ଶତା ହରାଉଥିବା ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ଦୀର୍ଘଦିନ ହେଲା ବିଦ୍ୟାଳୟରେ ସ୍ଥାୟୀ ପ୍ରିନ୍ସିପାଲ ନ ଥିବା ବେଳେ ସାମାଜିକ ବିଜ୍ଞାନ, କମ୍ପ୍ୟୁଟର, ମ୍ୟୁଜିକ୍, ଆର୍ଟ ଆଦି ବିଷୟ ପାଇଁ କୌଣସି ଶିକ୍ଷକ ନ ଥିବା ସ୍ଥଳେ ପିଇଟି ଏବଂ ଇଂଲିଶ ଶିକ୍ଷୟିତ୍ରୀଙ୍କ ବଦଳି ସମ୍ଭାବନା ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କୁ ଚିନ୍ତାରେ ପକାଇ ଦେଇଛି। ଅପରପକ୍ଷରେ ଇଂଲିଶ୍, ଗଣିତ ଓ ସାମାଜିକ ବିଜ୍ଞାନ ଆଦି ବିଷୟ ପାଇଁ ୩ ଜଣ ନୂଆ ଶିକ୍ଷକ ଯୋଗାଣକୁ ମଞ୍ଜୁରୀ ମିଳିଥିବା ସହ କମ୍ପ୍ୟୁଟର ଲ୍ୟାବ୍ ପାଇଁ ୪୦ଟି କମ୍ପ୍ୟୁଟର ମିଳିବା ସୁନିଶ୍ଚିତ ବୋଲି ଭାରପ୍ରାପ୍ତ ଅଧକ୍ଷ ସିଦ୍ଧାର୍ଥ ପ୍ରସାଦ ଜେନାଙ୍କଠାରୁ ପ୍ରକାଶ। ୨୦୧୮ରେ



ଗୋଲିଆ ଆଦର୍ଶ ବିଦ୍ୟାଳୟ।

- ମିଳିଛି ସ୍ମାର୍ଟ ସ୍କୁଲ୍‌ର ମାନ୍ୟତା
- ପ୍ରତିକାର ଦାବି

୯.୧୬୯ ଏକର ପରିମିତ ଜାଗାରେ ସ୍ଥାପିତ ଏହି ବିଦ୍ୟାଳୟର ସମ୍ପୂର୍ଣ୍ଣ ପାଚେରି କି ସାଇକେଲ ଷ୍ଟାଣ୍ଡ ନ ଥିବା ବେଳେ ପିଲାଙ୍କ ଖେଳ ପାଇଁ ଅନୁପଯୁକ୍ତ ବିସ୍ତୀର୍ଣ୍ଣ ପଡ଼ିଆ ରହିଛି। ଉକ୍ତ ବିଦ୍ୟାଳୟର ହଷ୍ଟେଲ ନ ଥିବା ହେତୁ ବହୁଦୂରରୁ ଛାତ୍ରୀଛାତ୍ରଙ୍କୁ ଆସିବାକୁ ପଡୁଥିବା ବେଳେ ଗତ କିଛିମାସ ତଳେ ବିଦ୍ୟାଳୟରୁ ଫେରିବା ସମୟରେ ଅଟୋରୁ ଖସି ନବମ ଶ୍ରେଣୀ ଛାତ୍ର ଯୁବରାଜ ସେଠୀଙ୍କ ମୃତ୍ୟୁ ଘଟିଥିଲା। ଏସବୁ ସମସ୍ୟା ସହିତ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଭାବେ ଦେଖାଦେଇଛି ବିଦ୍ୟାଳୟର ଶୈକ୍ଷିକ ବ୍ୟବସ୍ଥା। ୩୯୭ ଛାତ୍ରୀଛାତ୍ର ଅଧୟନରତ ଉକ୍ତ ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୨ ଲେଖାଏ ସେକ୍ସନ ହିସାବରେ ମୋଟ ୧୦ ସେକ୍ସନ ରହିଥିବା ବେଳେ ବିଦ୍ୟାଳୟରେ ସମୁଦାୟ ୭ ଶିକ୍ଷୟିତ୍ରୀ ଶିକ୍ଷକ ରହିଛନ୍ତି। ଫଳରେ ପ୍ରତି ପିରିୟଡରେ ତିନୋଟି ସେକ୍ସନରେ ଅଧାପନାକାରୀଙ୍କ ଅଭାବ ରହୁଛି। ଅନ୍ୟପକ୍ଷରେ ବିଦ୍ୟାଳୟରେ ସ୍ଥାୟୀ ଅଧକ୍ଷ ନ ଥିବା ବେଳେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବ ବିଜ୍ଞାନ, ଇଂଲିଶ, ଗଣିତ ବିଷୟ ପାଇଁ ପୋଷ୍ଟ ଗ୍ରାଜୁଏଟ ଟିଚରଙ୍କ ଅଭାବ ସାଙ୍ଗକୁ କମ୍ପ୍ୟୁଟର, ମ୍ୟୁଜିକ୍, ଆର୍ଟ ଟିଚର ଓ କିରାଣି ପଦବୀ ମଧ ଖାଲିପଡିଛି। ଅନ୍ୟପକ୍ଷରେ ବିଦ୍ୟାଳୟଟି ସ୍ମାର୍ଟ ସ୍କୁଲ ଭାବେ ଉଦ୍‌ଘାଟିତ ହୋଇଯାଇଥିଲେ ହେଁ ଅନେକ କାମ ଅଧାପନ୍ତରିଆ ରହିଛି। ଏପରି କି ବିଦ୍ୟାଳୟର ଫଳକରେ ନାମ ଲେଖାଯାଇପାରିନି କି ମୁଖ୍ୟ ଗେଟ୍ କାମ ଅସମ୍ପୂର୍ଣ୍ଣ ରହିଥିବାରୁ ବିଭିନ୍ନ ମହଲରେ ସମାଲୋଚିତ ହେଉଥିବା ଜଣାପଡ଼ିଛି। ତେଣୁ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଦାରିଙ୍ଗବାଡ଼ିରେ ବୈଶାଖୀ ସାଂସ୍କୃତିକ ସନ୍ଧ୍ୟା

## ପାରମ୍ପରିକ ନୃତ୍ୟରେ ଝୁମିଲେ

**ଦାରିଙ୍ଗବାଡି,୨୯।୫(ଡି.ଏନ.ଏ)**

ଦାରିଙ୍ଗବାଡି ପଥପ୍ରାନ୍ତ ସେବାକେନ୍ଦ୍ରଠାରେ ରବିବାର ସନ୍ଧ୍ୟାରେ ବୈଶାଖି ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟନ ହୋଇଯାଇଛି। ଏଥିରେ ମାନସ ସୁଆଳ ସିଂ ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ସ୍ଥାନୀୟ ସିମନବାଡି ପ୍ରଧାନ ଶିକ୍ଷକ ତଥା ବିଶିଷ୍ଟ କବି, ସାହିତ୍ୟିକ ବିଦେଶୀ ନାୟକଙ୍କ ଅଧକ୍ଷତାରେ ବ୍ଲକ ଅଧକ୍ଷ ସୁଶାନ୍ତ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ କବି,ଶିଶୁ ସାହିତିକ, ସଙ୍ଗିତକାର, ଗାୟକ ତଥା ବିଡିଓ ଗଦାଧର ପାତ୍ର, ତହସିଲଦାର ଚାର୍ଲସ ନାୟକ, ବିଧାୟକ ପ୍ରତିନିଧି ଦୀପକ କୁମାର ସାହୁ, ସମିତିସଭ୍ୟ କାଳୀପ୍ରସାଦ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ କଳାସଂସ୍କୃତିକୁ ବଞ୍ଚାଇବା ନେଇ ଆଲୋକପାତ କରିଥିଲେ। କଳା,ସାହିତ୍ୟ ପାରମ୍ପରିକ କଳା ସହ ଲୋକ କଳାର ଉନ୍ନତୀ ହେଲେ ଦାରିଙ୍ଗବାଡିର ବିକାଶ ହୋଇପାରିବ ବୋଲି ବିଡିଓ ଦର୍ଶକଙ୍କୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କୁନି କଳାକାରଙ୍କଠାରୁ ଆରମ୍ଭକରି ଅନେକ କଳାକାର ପାରମ୍ପରିକ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ଏହାକୁ ସ୍ଥାନୀୟ କଳାପରିଷଦ ପକ୍ଷରୁ ଆୟୋଜନ କରାଯାଇଥିଲା। କମିଟିରେ ବିଡିଓ ପାତ୍ର ତହସିଲଦାର ନାୟକଙ୍କ ସମେତ ମାନସ ସୁଆଳ ସିଂ, ସୁଶାନ୍ତ ନାୟକ, ସୁନିତ ନାୟକ, ବିନୋଦ ନାୟକ, ଅକ୍ଷୟ ପରିଚ୍ଛା, ସୁଜିତ ନାୟକ, ବିକାଶ ନାୟକଙ୍କ ସମେତ ଅନେକ ସଦସ୍ୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟତମ ଅତିଥି ଦାରିଙ୍ଗବାଡି ସରପଞ୍ଚ ଚନ୍ଦ୍ରୀକା ମଲ୍ଲିକ, ଶ୍ରୀନିକେତା ସରପଞ୍ଚ ଗଙ୍ଗାଧର ପ୍ରଧାନ, କବି ପତିତପାବନ ରାଉତ, ନାଟ୍ୟ ନିର୍ଦ୍ଦେଶକ ମଣ୍ଟୁ ସାହୁ ପ୍ରମୁଖ ଯୋଗଦେଇଥିଲେ। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମରେ ତହସିଲଦାର ଚାର୍ଲସ ନାୟକ ସଂଯୋଜନା କରିଥିଲେ। ଦାରିଙ୍ଗବାଡି ଅଞ୍ଚଳର ଶତାଧିକ ଦର୍ଶକ କାର୍ଯ୍ୟକ୍ରମରେ ଯୋଗଦେଇ ପାରମ୍ପରିକ ନୃତ୍ୟ, ସଙ୍ଗିତରେ ଝୁମିଥିଲେ।




ନୃତ୍ୟ ପରିବେଷଣ କରାଯାଉଛି।

# ହାଇକୋର୍ଟ ବିଚାରପତିଙ୍କ ଭଞ୍ଜନଗର ଗସ୍ତ



ବିଚାରପତିଙ୍କ ସହ ଅନ୍ୟମାନେ ।

**ଭଞ୍ଜନଗର,୨୯।୫(ଡି.ଏନ.ଏ)**

ଓଡ଼ିଶା ହାଇକୋର୍ଟର ବିଚାରପତି ତଥା ଗଞ୍ଜାମ ପ୍ରୋଟୋକଲ ବିଚାରପତି ଡ.ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଫୁଲବାଣୀ ଯିବା ରାସ୍ତାରେ ଶନିବାର, ରବିବାର ଦୁଇଦିନ ଭଞ୍ଜନଗର ଠାରେ ରହିଥିଲେ। ସ୍ଥାନୀୟ ବନ ବିଭାଗ ଡାକବଙ୍ଗଳା ପରିସରରେ ଜିଲାର ବିଭିନ୍ନ ବିଚାରପତି, ଭଞ୍ଜନଗର ବାର୍ ଆସୋସିଏଶନ କର୍ମକର୍ତ୍ତା ଏବଂ ପୂର୍ତ୍ତ ବିଭାଗ ଯନ୍ତ୍ରୀମାନଙ୍କ ସହ ସ୍ଥାନୀୟ କୁଲାଡ଼ ରୋଡ଼ରେ ହେବାକୁ ଥିବା କୋର୍ଟ କୋଠା ଉପରେ ଆଲୋଚନା କରିଥିଲେ । ନୂତନ କୋଠା ଜିଲା କୋର୍ଟ ଭଳି କରିବା ପାଇଁ ବିଚାରପତି ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ନୂତନ କୋଠା ପାଇଁ ହାଇକୋର୍ଟଙ୍କ ଅନୁମତି ମିଳିସାରି ଥିବା ବେଳେ ରାଜ୍ୟ ସରକାର ଅର୍ଥ ଅନୁମୋଦନ କଲେ କାମ ଆରମ୍ଭ ହେବ। ବିଚାରପତିଙ୍କ ଗସ୍ତ ବେସରକାରୀ ହୋଇଥିବା ବେଳେ ଅନୌପଚାରିକ ଭାବେ ଭଞ୍ଜନଗର ବାର୍ ଆସୋସିଏଶନ କର୍ମକର୍ତ୍ତାମାନେ ତାଙ୍କୁ ଭେଟି ଭଞ୍ଜନଗର ଠାରେ ଭିଜିଲାନ୍ସ ସର୍କିଟ କୋର୍ଟ ଏବଂ ଜୁଭେନାଇଲ କୋର୍ଟ ଖୋଲିଥିବା ଯୋଗୁ କୃତଜ୍ଞତା ଜଣାଇଥିଲେ। ଏଥିସହ ଆଗାମୀ ଦିନରେ ଏଠାରେ ପୋକ୍ସୋ କୋର୍ଟ ଖୋଲିବା ପାଇଁ ଅନୁରୋଧ କରିଥିଲେ । ଶନିବାର ସନ୍ଧ୍ୟାରେ ବିଚାରପତି ଭଞ୍ଜନଗରରେ ପହଞ୍ଚିବା ପରେ ରବିବାର ସକାଳେ କୁଲାଡ଼ ବ୍ୟାଘ୍ରଦେବୀ, ଭଞ୍ଜନଗର ଠାକୁରାଣୀ ମନ୍ଦିର ଦର୍ଶନ କରିଥିଲେ । ଏହାପରେ ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ଫୁଲବାଣୀ ଅଭିମୁଖେ ଯାଇଥିଲେ। ବିଚାରପତିଙ୍କ ଗସ୍ତ ସମୟରେ ଜିଲା ଜଜ୍ ଆନନ୍ଦ ଚନ୍ଦ୍ର ବେହେରା, ଜିଲା କୋର୍ଟ ରେଜିଷ୍ଟ୍ରାର ସୁଶାନ୍ତ କୁମାର ମିଶ୍ର, ଭଞ୍ଜନଗର ଏଡ଼ିଜେ ଡ଼.ଅରୁଣ କୁମାର ସାହୁ, ନାଜିର ଲିଙ୍ଗରାଜ ବେହେରା, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ଲକ୍ଷ୍ମୀକାନ୍ତ ମହାନ୍ତି, ଯନ୍ତ୍ରୀ ଗୋପାଳ ଚନ୍ଦ୍ର ବେହେରା, ଭଞ୍ଜନଗର ବାର୍ ଆସୋସିଏଶନ ସଭାପତି ସନ୍ତୋଷ ନାୟକ, ସରକାରୀ ଓକିଲ ଏମ୍.ତାଜ୍ ଆଦେନୀ, ରାଜେନ୍ଦ୍ର ପ୍ରଧାନ,ବିନୟ କୁମାର ରଥ,ଗୋପାଳ ପ୍ରଧାନ, ରବି ଦାସ, ରଜତ ଦାସ, ତ୍ରିନାଥ ମଳିକ, ଅଳକା ମଞ୍ଜରୀ ପଟ୍ଟନାୟକ, ମନୋଜ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ରୋଟାରୀ କ୍ଲବର ଅଧିଷ୍ଠାନ ଉତ୍ସବ

**ଭଞ୍ଜନଗର,୨୯।୫(ଡି.ଏନ.ଏ)**

ଭଞ୍ଜନଗର ରୋଟାରୀ କ୍ଲବର ଅଧିଷ୍ଠାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରୋଟାରୀ କ୍ଲବ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଶାନ୍ତନୁ କୁମାର ପାଣି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବାହାଡ଼ାପଦର ଗାୟତ୍ରୀ ପରିବାର ପକ୍ଷରୁ ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା। ଶ୍ରୀରାମ ପାଳ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସନ୍ତୋଷ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ଭି. ଦେବୀ ପ୍ରସାଦ ପାତ୍ର ସଭା ସଂଯୋଜନା କରିଥିଲେ। ସମ୍ପାଦକ ସୁଧୀର କୁମାର ପାଣିଗ୍ରାହୀ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଗାୟତ୍ରୀ ପରିବାର, ଅଭିମନ୍ୟୁ ପଟ୍ଟନାୟକ, ଖୁସି ନାୟକଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ରଞ୍ଜିତ କୁମାର ବାରିକ, ପ୍ରଦ୍ୟୁମ୍ନ ମଳିକ, ରବିନ୍ଦ୍ର ପାଣିଗ୍ରାହୀ, ଡଃ ସୀମାଞ୍ଚଳ ପତି, ପଞ୍ଚାନନ ମିଶ୍ର, ପ୍ରଶାନ୍ତ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ବେଲଗୁଣ୍ଠା ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ

**ଭଞ୍ଜନଗର,୨୯।୫(ଡି.ଏନ.ଏ)**

ବେଲଗୁଣ୍ଠା ବ୍ଲକ ପଞ୍ଚାୟତ ସମିତିର ଏକ ସ୍ୱତନ୍ତ୍ର ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ବୈଠକରେ କେବଳ ପାନୀୟ ଜଳ ସମସ୍ୟା ଓ ତାର ନିରାକରଣ ଉପରେ ଆଲୋଚନା ହୋଇଥିଲା । ବ୍ଲକର ୪ ପାନୀୟ ଜଳ ପ୍ରକଳ୍ପକୁ ଇତିମଧରେ ଅନୁମୋଦନ ମିଳିଥିବା ବେଳେ ନେଟେଙ୍ଗା ଓ ସୁଡୁମୁସର ପ୍ରକଳ୍ପକୁ ଅନୁମୋଦନ ମିଳିନାହିଁ। ଉକ୍ତ ପ୍ରକଳ୍ପକୁ କିଭଳି ଅନୁମୋଦନ ମିଳିବ ସେନେଇ ଆଲୋଚନା ହୋଇଥିଲା। ଏଥିସହ ମହାନଦୀରୁ ପାଣି ଆଣି ଉକ୍ତ ବ୍ଲକର ଜନସାଧାରଣଙ୍କୁ ପାଇପ ଯୋଗେ ପାଣି ଦିଆଯିବ। ସେ ଉପରେ ମଧ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ନାୟକ ଅଧକ୍ଷତା କରିଥିଲେ। ବିଡ଼ିଓ ଶଶି ଭୁଷଣ ମହାପାତ୍ର ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ବ୍ଲକ ଉପାଧକ୍ଷା ପ୍ରମିଳା ପ୍ରଧାନ, ଗ୍ରାମ୍ୟ ପାଇପ ଜଳ ଯୋଗାଣ ବିଭାଗ ଯନ୍ତ୍ରୀ ନିହାର ରଞ୍ଜନ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ସୁଚନାଯୋଗ୍ୟ, ୨୦୨୪ ମସିହା ସୁଧା ରାଜ୍ୟର ସମସ୍ତ ଘରକୁ ପାଇପ ଯୋଗେ ପାଣି ଯୋଗାଇ ଦେବାପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲକ୍ଷ୍ୟ ରଖିଛନ୍ତି । ଏହାକୁ ଆଖି ଆଗରେ ରଖି ଯୋଜନା ଗୁଡ଼ିକ କାର୍ଯ୍ୟକାରୀ ହେଉଛି ।

# ମୁକ୍ତାଦେବୀ ଠାକୁରାଣୀ ଯାତ୍ରା ଆରମ୍ଭ

**ଚିକିଟି,୨୯।୫(ଡି.ଏନ.ଏ.)**

ଗଞ୍ଜାମ ଜିଲା ଚିକିଟିପେଣ୍ଠର ଅଧିଷ୍ଠାତ୍ରୀ ଦେବୀ ମା' ମୁକ୍ତାଦେବୀ ଠାକୁରାଣୀଙ୍କ ଯାତ୍ରା ଶନିବାରରୁ ଆରମ୍ଭ ହୋଇଛି। ସକାଳେ ମା'ଙ୍କୁ ପଞ୍ଚାମୃତ ଜଳରେ ମହାସ୍ନାନ, ମାର୍ଜନା ପୂଜାର୍ଚ୍ଚନା କରାଯାଇଥିଲା। ପ୍ରଚଳିତ ପ୍ରଥା ଅନୁଯାୟୀ ଶୁକ୍ରବାର ଅପରାହ୍ନରେ ମା'ଘର ପରିବାର ବନ୍ଧୁ ବର୍ଗ ମା'ଙ୍କ ସ୍ଥାୟୀ ମନ୍ଦିରକୁ ଯାଇ ନିମନ୍ତ୍ରଣ କରିଥିଲେ। ସନ୍ଧ୍ୟାରେ ଭକ୍ତ ସମୂହ ପାରମ୍ପରିକ ବାଦ୍ୟ ବାଜଣା ପଟୁଆର ସହ ପହଞ୍ଚି ମାଙ୍କୁ ଶୋଡଷ ଉପଚାରରେ ପୂଜାର୍ଚ୍ଚନା, ଚଣ୍ଡୀ ପାଠ ପୂର୍ବକ ମାଙ୍କୁ ଆବାହନ କରାଯାଇଥିଲା। ଶେଷରେ ମା'ଙ୍କ ଆଜ୍ଞାମାଳ ଫୁଲ ଚାଙ୍ଗୁଡ଼ିରେ ଆବିର୍ଭାବ ହେବା ପରେ ପ୍ରଥମେ ମୁକ୍ତାଦେବୀ ମା ଘର ରାମ ସାହୁଙ୍କ ଘରେ ପହଞ୍ଚି ପୂଜା ଗ୍ରହଣ କରିଥିଲେ। ପରେ ଢୋଲ, ଟାମକ, ବାଦ୍ୟ, ବାଜଣା, ଶଙ୍ଖ, ହୁଳହୁଳି ସହ ବିରାଟ ଶୋଭାଯାତ୍ରାରେ ନଗର ପରିକ୍ରମା କରି ପେଣ୍ଠ ଆନ୍ଧ୍ର ବ୍ୟାଙ୍କ ନିକଟ ମୁଖ୍ୟ ରାସ୍ତାରେ ରହିଥିବା ଅସ୍ଥାୟୀ ମନ୍ଦିରରେ ସ୍ଥାପିତ ହୋଇଛନ୍ତି। ଶନିବାରରୁ ଚିକିଟି ପେଣ୍ଠର ସମସ୍ତ ସାହି ଗଳି କନ୍ଦି ବୁଲି ଭକ୍ତଙ୍କୁ ଦର୍ଶନ ଦେବା ସହ ପୂଜା ଗ୍ରହଣ କରିବା କାର୍ଯ୍ୟକ୍ରମ ରହିଛି। ସୁନ୍ଦର ଆଲୋକ ମାଳା, ତୋରଣ ଓ କଳା କୁଞ୍ଜରେ ଚିକିଟି ପେଣ୍ଠ ଦୁଲୁକୁଛି। ଠାକୁରାଣୀ ଯାତ୍ରା ଉପଲକ୍ଷେ ମିନାବଜାର ସମେତ ବିଭିନ୍ନ ସାଂସ୍କୃତିକ ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମ ଜାରି ରହିବ ବୋଲି ପୂଜା କମିଟି ପକ୍ଷରୁ ଜଣାପଡିଛି। ଅପରପକ୍ଷେ ଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରାଯିବା ନେଇ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଆସନ୍ତା ଜୁନ ୪ରୁ ଜୁନ ୯ ଯାଏ ନାଟକ ମଞ୍ଚସ୍ଥ ହେବ। ଆସନ୍ତା ଜୁନ ୧୦ରେ ମା' ମୁକ୍ତାଦେବୀ ଅସ୍ଥାୟୀ ମନ୍ଦିରରୁ ନିଜ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ପ୍ରବଳ ଖରା ଏବଂ ଅସହ୍ୟ ଗୁଳୁଗୁଳି ସତ୍ତ୍ୱେ ମା'ଙ୍କ ଯାତ୍ରା ଏବଂ ଘଟ ପରିକ୍ରମା ଦେଖିବା ପାଇଁ ପ୍ରବଳ ଜନ ସମାଗମ ହେଉଥିବା ଲକ୍ଷ୍ୟ କରାଯାଉଛି।



ମୁକ୍ତାଦେବୀ ଠାକୁରାଣୀ।

## ରାଜସ୍ୱ ରଥ ମାଧ୍ୟମରେ ଲୋକଙ୍କୁ ପଟ୍ଟା ବଣ୍ଟନ

**ଗଞ୍ଜାମ,୨୯।୫(ଡି.ଏନ୍.ଏ.)**

ଗଞ୍ଜାମ ତହସିଲ ପକ୍ଷରୁ ମଲାଡ଼ ପଞ୍ଚାୟତରେ ରାଜସ୍ୱ ରଥ ମାଧ୍ୟମରେ ଲୋକଙ୍କୁ ପଟ୍ଟା ଓ ଅନ୍ୟାନ୍ୟ ସାର୍ଟିଫିକେଟ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ତହସିଲଦାର ଅରୁଣ କୁମାର ନାୟକ ଯୋଗଦେଇ ଲୋକଙ୍କୁ ପଟ୍ଟା ବଣ୍ଟନ କରିଥିଲେ। ଏଥିରେ ୫୮ ଜଣ ଲୋକଙ୍କୁ ପଟ୍ଟା ଏବଂ ୨୭ ଜଣଙ୍କୁ ସେମାନଙ୍କ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏହି ରାଜସ୍ୱ ସେବା ଲୋକମାନଙ୍କ ଘର ପାଖରେ ପହଞ୍ଚାଇବା ପାଇଁ ପ୍ରଥମେ ଗଞ୍ଜାମ ତହସିଲଦାର ଅରୁଣ ନାୟକ ଏହି ଯୋଜନାକୁ ଆରମ୍ଭ କରିଥିଲେ, ଯାହା ପରବର୍ତ୍ତୀ ସମୟରେ ରାଜ୍ୟର ଅନ୍ୟ ତହସିଲରେ କାର୍ଯ୍ୟକାରୀ ହୋଇଥିଲା। ଫଳରେ ଲୋକଙ୍କୁ ଆଉ ଅଫିସ ନ ଯାଇ ନିଜ ଘର ପାଖରେ ଏହି ସେବା ଯୋଗାଇବା ପାଇଁ ରାଜସ୍ୱ ରଥ ସେବା ଆରମ୍ଭ ହୋଇଥିଲା। ଫଳରେ ଏହି କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରୁ ପ୍ରଶଂସା ମିଳିଛି।

## ପ୍ରଥମ ହରିଶ୍ଚନ୍ଦ୍ର ସହାୟତା ଦେଲେ ସରପଞ୍ଚ

### କୋଏରମାଣ୍ଡୁ ପଞ୍ଚାୟତ

**ଫୁଲବାଣୀ ଅଫିସ, ୨୯।୫**

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକର ଦୁର୍ଗମ କୋଏରମାଣ୍ଡୁ ପଞ୍ଚାୟତରେ ଏ ପର୍ଯ୍ୟନ୍ତ କୌଣସି ହିତାଧିକାରୀ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ପାଇ ନ ଥିଲେ । ନବ ନିର୍ବାଚିତ ସରପଞ୍ଚ ମାଧବ କହଁର ଜଣେ ହିତାଧିକାରୀଙ୍କୁ ଏହି ସହାୟତା ପ୍ରଦାନ କରିଛନ୍ତି। ସୁମାଙ୍ଗି ଗ୍ରାମରେ ଗତ ୨୬ ତାରିଖରେ ଲୋଚନ କହଁରଙ୍କ ରୋଗାଗ୍ରସ୍ତ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ସରପଞ୍ଚ ତାଙ୍କ ଗ୍ରାମକୁ ଯାଇ ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇବା ସହ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ସହାୟତା ରାଶି ଦେଇଛନ୍ତି। ଲୋଚନଙ୍କ ପୁଅ ପୂର୍ଣ୍ଣଚନ୍ଦ୍ର ଏହି ସହାୟତା ରାଶି ଗ୍ରହଣ କରିଥିଲେ। ଗ୍ରାମବାସୀ କହିଛନ୍ତି ଯେ, ହରିଶ୍ଚନ୍ଦ୍ର ଯୋଜନା କ'ଣ ଜାଣିନାହୁଁ । ସରପଞ୍ଚ ଏହା ଦେବାରୁ ଜାଣିଲୁ ବୋଲି କହଛନ୍ତି। ସେହିପରି କଲମପଡା ଗ୍ରାମର ଟିବିଡି କହଁରଙ୍କ ଗତ ୨୭ ତାରିଖରେ ଫୁଲବାଣୀ ମେଡିକାଲରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଥିଲା । ସରପଞ୍ଚ ମାଧବ ତାଙ୍କ ପରିବାରକୁ ମଧ ଭେଟି ହରିଶ୍ଚନ୍ଦ୍ର ସହାୟତା ରାଶି ପ୍ରଦାନ କରିଛନ୍ତି।



ଟିବିଡି କହଁରଙ୍କ ସ୍ତ୍ରୀଙ୍କୁ ସରପଞ୍ଚ ଟଙ୍କା ପ୍ରଦାନ କରୁଛନ୍ତି।

## ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ କୋଠା ଉଦ୍‌ଘାଟିତ

**ଆର.ଉଦୟଗିରି, ୨୯।୫ (ଡି.ଏନ.ଏ.)**

ଚନ୍ଦ୍ରଗିରି ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଜଳାତଙ୍କ ରୋଗର ନିରାକରଣ ପାଇଁ ଟିକା ଉପଲବ୍ଧ ହେବା ସଙ୍ଗେ ସଙ୍ଗେ ଗୃହର ଉଦ୍‌ଘାଟନ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ସ୍ୱାସ୍ଥ୍ୟ ବିଭାଗର ମହାମାରୀ ବିଶେଷଜ୍ଞ ଶରତଚନ୍ଦ୍ର ମହାପାତ୍ର କୋଠା ଉଦ୍‌ଘାଟନ କରିଥିଲେ। ଜିଲାର ୪ ବ୍ଲକ ମୋହନା, ଆର.ଉଦୟଗିରି, ନୂଆଁଗଡ଼ ଓ ରାୟଗଡ଼ା ଅଞ୍ଚଳର ଲୋକେ ମାଗଣାରେ ଜଳାତଙ୍କ ଟିକା ପାଇପାରିବେ। ମାଙ୍କଡ, ବିଲୁଆ, କୁକୁର, ସାପ ଆଦି ପ୍ରାଣୀ କାମୁଡିଲେ ଲୋକେ ଖର୍ଚ୍ଚାନ୍ତ ହୋଇ ପାରଳାଖେମୁଣ୍ଡି କିମ୍ବା ବ୍ରହ୍ମପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ଟିକା ନେଉଥିଲେ। ବର୍ତ୍ତମାନ ବିଭିନ୍ନ ଅଞ୍ଚଳର ଲୋକେ ସୁବିଧାରେ ଟିକା ନେଇ ପାରି ଜୀବନ ରକ୍ଷା କରିପାରିବେ। ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଉଲ୍ଲାସ ରାଉତଙ୍କ ତତ୍ତ୍ୱାବଧାନ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ପ୍ରଦୀପ ପାତ୍ରଙ୍କ ପ୍ରଚେଷ୍ଟାରେ ଏଭଳି ଏକ ମହତ କାର୍ଯ୍ୟ ହୋଇପାରିଥିବାରୁ ଅଞ୍ଚଳବାସୀ ଉଭୟଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ସୂଚନା ଅଧିକାରୀ ତୁଷାର ପଟ୍ଟନାୟକ, ଡା. ଜଗତଜ୍ୟୋତି ବିଶ୍ୱାଳ, ଡ.ଜୟପ୍ରକାଶ, ଡ.ଦେବରାଜ କର, ଡ.ବିଶ୍ୱଜିତ ମହନ୍ତ, ବରିଷ୍ଠ ଫାର୍ମାଶିଷ୍ଟ ସନ୍ତୋଷ ସୁବୁଦ୍ଧି, ନିରାମୟ ଫାର୍ମାଶିଷ୍ଟ ରଘୁନାଥ ବେହେରା, ସନ୍ତୋଷ ନାୟକ, ପଞ୍ଚୁ ବିଷୋୟୀଙ୍କ ସମେତ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



ଅତିଥିଙ୍କ ଦ୍ୱାରା ନୂତନ କୋଠା ଉଦ୍‌ଘାଟନ।

# ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଉଦ୍‌ଯାପିତ

**ଛତ୍ରପୁର,୨୯।୫(ଡି.ଏନ.ଏ)**

ଗଞ୍ଜାମ ଜିଲା ଟାଏକୋଣ୍ଡୋ ସଂଘ ଆନୁକୂଲ୍ୟରେ ଛତ୍ରପୁର ଷ୍ଟାଡିୟମ ଇନଡୋର ହଲରେ ଜିଲାସ୍ତରୀୟ ୮ମ କ୍ୟୁରୋଗୀ ଓ ୭ମ ପୁମସେ ଟାଏକୋଣ୍ଡୋ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଉଦଯାପନୀରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଓ ଛତ୍ରପୁର ଏନଏସି ଅଧକ୍ଷା ଶର୍ମିଷ୍ଠା ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଜିଲାର ବିଭିନ୍ନ ସ୍ଥାନରେ ଥିବା ୧୪ଟି ଏକାଡେମୀର ପ୍ରତିଯୋଗୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଜିଲା ସଭାପତି ଶ୍ରୀକାନ୍ତ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉଦଯାପନୀ କାର୍ଯ୍ୟକ୍ରମରେ ଓଡିଶା ଟାଏକୋଣ୍ଡୋ ପରିଦର୍ଶକ ବ୍ୟୋମକେଶ ଅଭିଳାଷ ପ୍ରସାଦ, ଜିଲା ସମ୍ପାଦକ କେ. ମନୋଜ ପ୍ରଧାନ, ମହିଳା କମିଶନର ଡ. ଅନୀତା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଟାଏକୋଣ୍ଡୋ ଭଳି ଆନ୍ତର୍ଜାତିୟ ଅଲିମ୍ପିକ କ୍ରୀଡାରେ ଗଞ୍ଜାମ ଜିଲାର ସଫଳତା ଖୁବ ଉତ୍ସାହପ୍ରଦ ଏବଂ ଆଗାମୀ ଦିନରେ ଛତ୍ରପୁର ଓଡିଶାର ଟାଏକୋଣ୍ଡୋ ହବ ହେବ ବୋଲି ମୁଖ୍ୟଅତିଥି ଆଶା ପ୍ରକାଶ କରିଛନ୍ତି। ଓଡିଶା ଟାଏକୋଣ୍ଡୋ ପକ୍ଷରୁ କ୍ରୀଡା ପରିଚାଳନା କରୁଥିବା ୧୫ ଜଣିଆ ବିଚାରକ ଓ ଗଞ୍ଜାମ ଜିଲାର ୧୪ଟି ଟାଏକୋଣ୍ଡୋ ଏକାଡେମୀର କୋଚ ଓ ମୁଖ୍ୟ କର୍ମକର୍ତ୍ତାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ୟୁରୋଗୀରେ ୨୦୫ ଜଣ ଓ ପୁମସିରେ ୬୦ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିବା ବେଳେ ଛତ୍ରପୁରର କେଏମପି ସ୍ପୋର୍ଟସ ଏକାଡେମୀ ୨୮ ଟି ସ୍ୱର୍ଣ୍ଣ, ୯ ଟି ରୌପ୍ୟ ଓ ୭ଟି ବ୍ରୋଞ୍ଜ ପଦକ ସହ ଚମ୍ପିୟନ ହୋଇଥିବା ବେଳେ ମାଧପୁରର ଗଞ୍ଜାମ ଟାଏକୋଣ୍ଡୋ ଏକାଡେମୀ ୧୩ଟି ସ୍ୱର୍ଣ୍ଣ, ୮ଟି ରୌପ୍ୟ ଓ ୬ଟି ବ୍ରୋଞ୍ଜ ପଦକ ପାଇ ରନର୍ସ ଅପ ହୋଇଛନ୍ତି। କେଏମପି ସ୍ପୋର୍ଟସ ଏକାଡେମୀ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଟାଏକୋଣ୍ଡୋ ପ୍ରଶିକ୍ଷକ ଜନୋଜ ମହାରଣା, ଅମ୍ବିକା ପ୍ରସାଦ ଦାସ, ଲଳିତ କୁମାର, ସି ଏଚ ପ୍ରସାଦ ନାୟକ, ବାସୁ ନାୟକ, କାର୍ଯ୍ୟକ୍ରମର ପରିଚାଳନା କରୁଥିବା ବେଳେ ଲକ୍ଷ୍ମୀ ନାରାୟଣ, ରୁଦ୍ର ନାରାୟଣ ବେହେରା, ଶୁଭଶ୍ରୀ ପାଢି ଅଭିମନ୍ୟୁ ରେଡୀ, ବିକାଶ ଗୌଡ଼ ଓ ଏ ଚିନା ସହଯୋଗ କରିଛନ୍ତି।




ପୁରସ୍କୃତ କରାଯାଉଛି।

ଧରିତ୍ରୀ
DHARITRI
ସୋମବାର, ୩୦ ମେ, ୨୦୨୨

**ଦୁର୍ଘଟଣାରେ ଆହତ ଯୁବକ ମୃତ**

ପୁରୁଷୋତ୍ତମପୁର,(ଡି.ଏନ୍.ଏ.): ପୁରୁଷୋତ୍ତମପୁର ସହର କୁମାରୀଠାରେ ଘଟିଥିବା ଦୁର୍ଘଟଣାରେ ଆହତ ଯୁବକଙ୍କ ବିଶାଖାପାଟଣାର ଏକ ଘରୋଇ ହସ୍ପିଟାଲରେ ଶନିବାର ମୃତ୍ୟୁ ଘଟିଛି। ସେ ହେଲେ କୁମାରୀର ନକୁଳ ଦାସ(୨୧)। ଏ ନେଇ ପୁରୁଷୋତ୍ତମପୁର ପୋଲିସ ନଂ.୨୬୩/୨୨ରେ ମାମଲା ରୁଜୁକରି ତଦନ୍ତକାରୀ ଅଫିସର ଏଏସ୍ଆଇ ରବୀନ୍ଦ୍ର ନାଥ ପାଣିଗ୍ରାହୀ ରବିବାର ବିଶାଖାପାଟଣା ହସ୍ପିଟାଲ ଯାଇ ମୃତଦେହ ଜବତ କରିଛନ୍ତି। ଗତ ୨୧ରେ ଦୁଇ ଭାଇ ନକୁଳ ଦାସ ଓ ଅର୍ଜୁନ ଦାସ ବାଇକ୍ ଯୋଗେ ସହରର ମୁଖ୍ୟରାସ୍ତାର ଡିଭାଇଡର ଦେଇ ରାସ୍ତା ପାର ହେଉଥିବା ବେଳେ ଦ୍ରୁତଗତିରେ ଆସୁଥିବା ବୋଲେରୋ ତାଙ୍କୁ ଧକ୍କା ଦେଇଥିଲା। ଆହତଙ୍କୁ ପ୍ରଥମେ ପୁରୁଷୋତ୍ତମପୁର ପରେ ବ୍ରହ୍ମପୁର ଓ ଶେଷରେ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଥିଲା।



## ସଂକ୍ଷେପରେ

### ୱାରେଣ୍ଟ ବଳରେ ବାପ,ପୁଅ ଗିରଫ

**ବ୍ରହ୍ମପୁର ଅଫିସ,୨୯।୫:** ବ୍ରହ୍ମପୁର ବଡବଜାର ଥାନା ପୋଲିସ ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ବଳରେ ବାପ,ପୁଅଙ୍କୁ ରବିବାର ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ହରିଡାଖଣ୍ଡି ନିକଟ ଗୋଲାଗାଁର କେ. ଶିବା (୫୦) ଓ ତାଙ୍କ ପୁଅ କେ. ବିଶ୍ୱନାଥ (୨୭)। ୨୦୧୮ରେ ଏକ ଡକାୟତି ମାମଲାରେ ଗିରଫ ହୋଇ ଜେଲ ଯାଇଥିବା ଉକ୍ତ ୨ଜଣ ଜାମିନରେ ମୁକୁଳିଥିଲେ। ହେଲେ ଏହି ମାମଲାର ବିଚାର ବେଳେ ସେମାନେ କୋର୍ଟରେ ହାଜର ହୋଇ ନ ଥିଲେ। ଫଳରେ କୋର୍ଟ ଉଭୟଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ ଜାରି କରିଥିଲା। ବଡବଜାର ପୋଲିସ ଏସ୍‌ଟି ୧୮୫/୧୮ ଅନୁଯାୟୀ ରବିବାର ବାପ,ପୁଅଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା କହିଛି।

### ମହୁରୀ ତାଲୁକା ବିଶ୍ୱକର୍ମା ସମିତି ବୈଠକ

**ବ୍ରହ୍ମପୁର ଅଫିସ,୨୯।୫:** ମହୁରୀ ତାଲୁକା ବିଶ୍ୱକର୍ମା ସମିତି ବୈଠକ ବ୍ରହ୍ମପୁର ଗୋଷାଣୀନୂଆଗାଁ ଉତ୍ତରେଶ୍ୱର ମନ୍ଦିର ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ତ୍ରିପତି ମହାରଣା ଅଧକ୍ଷତା କରିଥିଲେ। ସମିତିର ସାଙ୍ଗଠନିକ କାର୍ଯ୍ୟକ୍ରମ ନେଇ ଆଲୋଚନା କରାଯାଇଥିଲା। ତାଲୁକାର ବିଭିନ୍ନ ସ୍ଥାନରୁ ବହୁ ସଂଖ୍ୟକ ସଦସ୍ୟ ଯୋଗ ଦେଇଥିଲେ। ବିଭିନ୍ନ ଆଲୋଚନାରେ ଗଙ୍ଗାଧର ମହାରଣା, ପ୍ରମୋଦ ମହାରଣା, ମହେଶ୍ୱର ମହାରଣା ଓ ଅନନ୍ତ ମହାରଣା ପ୍ରମୁଖ ଭାଗ ନେଇଥିଲେ। ବର୍ତ୍ତମାନର କମିଟି ଆଗାମୀ ୫ ବର୍ଷ ପାଇଁ ଦାୟିତ୍ୱରେ ରହିବା ନିମନ୍ତେ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଥିବା ସଭାପତି ଏକ ବିଜ୍ଞପ୍ତିରେ ଦର୍ଶାଇଛନ୍ତି।

### ବଜ୍ରପାତରେ ଛେଳି ଜଗୁଆଳି ମୃତ

**ଦିଗପହଣ୍ଡି,୨୯।୫(ଡି.ଏନ.ଏ.):** ଦିଗପହଣ୍ଡି ସହର ସମେତ ବ୍ଲକ ଅଧିନ ବିଭିନ୍ନ ଗ୍ରାମାଞ୍ଚଳରେ ରବିବାର ଅପରାହ୍ନରେ କାଳ ବୈଶାଖୀ ପ୍ରଭାବରେ ବର୍ଷା, ପବନ, ଘଡ଼ ଘଡି ସହ ବଜ୍ରପାତ ହୋଇଛି। ବଜ୍ରପାତରେ ଜଣେ ଛେଳି ଚରାଳିଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୁଶପଡା ଗ୍ରାମର ଜି. ଅଭି ଦୋରା। ସେ ଗ୍ରାମ ନିକଟ ଚାଷ ଜମିରେ ଛେଳି ଚରାଉଥିବା ବେଳେ ହଠାତ୍ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ହିଁ ଟଳି ପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ମଧ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଦିଗପହଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ୩୧ରେ ଯୁଗ୍ମ ଅଭିଯୋଗ ଶୁଣାଣି

**ଛତ୍ରପୁର,୨୯।୫(ଡି.ଏନ.ଏ.):** ଜନକଲ୍ୟାଣ ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ଲୋକଙ୍କ ଅଭିଯୋଗ ଶୁଣାଣି ହେଉଛି। ଏଥିସହ ଦିବ୍ୟାଙ୍ଗଜନ ସମାଧାନ କାର୍ଯ୍ୟକ୍ରମ କରାଯାଇଛି। ଆସନ୍ତା ସୋମବାର ହେବାକୁ ଥିବା ଅଭିଯୋଗ ଶୁଣାଣି ତା'ପରଦିନ ଅର୍ଥାତ୍ ମଙ୍ଗଳବାର ହେବ। ଉକ୍ତ ଦିନ ପୂର୍ବାହ୍ନ ୧୦ଟାରେ ସମସ୍ତ ଅଭିଯୋଗ ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକ ଛତ୍ରପୁରସ୍ଥିତ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଜଉଗଡ ସମ୍ମିଳନୀ କକ୍ଷଠାରେ ଶୁଣାଣି କରାଯିବ। ଦିବ୍ୟାଙ୍ଗମାନଙ୍କ ଅଭିଯୋଗ ପ୍ରାଥମିକତା ଭିତ୍ତିରେ ପ୍ରଥମେ ଶୁଣାଣି କରାଯିବ ବୋଲି ଗଞ୍ଜାମ ଅତିରିକ୍ତ ଜିଲାପାଳ ଜଣାଇଛନ୍ତି ।

### ଭଞ୍ଜନଗର ଥାନା ଅଞ୍ଚଳରେ ବଢୁଛି ଚୋରି

**ଭଞ୍ଜନଗର,୨୯।୫(ଡି.ଏନ.ଏ):** ଭଞ୍ଜନଗର ଥାନା ଅଞ୍ଚଳରେ ଦିନକୁ ଦିନ ଚୋରି ବଢୁଛି। ଅଭିଯୁକ୍ତମାନଙ୍କୁ ପୋଲିସ କାବୁ କରିପାର ନ ଥିବାରୁ କେତକ ଅଞ୍ଚଳରେ ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଶନିବାର ରାତିରେ ଏହି ଥାନା ଅନ୍ତର୍ଗତ ଗୁରାବାଡ଼ିରେ ବିଜୟ ବିଷୋୟୀ,ତୋଫାନ ବିଷୋୟୀ,କାମ ବିଷୋୟୀ ଏବଂ ଖଦାଳ ବିଷୋୟୀଙ୍କ ଘରୁ ଚୋରି ହୋଇଥିଲା। ଏ ନେଇ ରବିବାର ଥାନାରେ ଅଭିଯୋଗ ହୋଇଛି। ସକାଳେ ଡୁମାକୁମ୍ପା ଠାରେ ଜଣେ ଯୁବକଙ୍କୁ ଚୋର ସନ୍ଦେହରେ ଗ୍ରାମବାସୀ କାବୁ କରି ପୋଲିସ ଜିମା ଦେଇଛନ୍ତି । ପୋଲିସ ଘଟଣାର ଅଧିକ ତଦନ୍ତ ଚାଲିଛି। ସୂଚନାଯୋଗ୍ୟ, ଏହା ପୂର୍ବରୁ ଭାଲିଆଖାଇରେ ଗତ କିଛିଦିନ ମଧ୍ୟରେ ଏକାଧିକ ଚୋରି ହୋଇଛି। ଚୋରକୁ କାବୁ କରିବା ପାଇଁ ରାତିରେ ଗ୍ରାମବାସୀ ଠେଙ୍ଗା ଧରି ଜଗି ରହିବାରୁ କିଛିଦିନ ହେବ ଆଉ ଚୋରି ହୋଇନାହିଁ ।

# ପ୍ରାର୍ଥୀଙ୍କୁ ନେଇ ଛକାପଞ୍ଝା, ଆଜି ନାମାଙ୍କନ

## ଦିଗପହଣ୍ଡିରେ ସମବାୟ ନିର୍ବାଚନ

**ଦିଗପହଣ୍ଡି,୨୯।୫(ଡି.ଏନ୍.ଏ.)**

ଦିଗପହଣ୍ଡିରେ ପ୍ରାଥମିକ ସେବା ସମବାୟ ସମିତି ନିର୍ବାଚନକୁ ନେଇ ରାଜନୈତିକ ଉଷ୍ମତା ବଢ଼ିବାରେ ଲାଗିଛି। ସୋମବାର ୧୫ ନିର୍ଦ୍ଦେଶକ ପଦବୀ ପାଇଁ ନାମାଙ୍କନ ଦାଖଲ ଲାଗି ପ୍ରଶାସନିକ ସ୍ତରରେ ପୂର୍ବରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଦଳୀୟ ସଙ୍କେତରେ ନିର୍ବାଚନ ହେଉ ନ ଥିଲେ ମଧ୍ୟ ରାଜନୈତିକ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ସମବାୟ ସମିତି ପରିଚାଳନା ପରିଷଦର ସଦସ୍ୟା ସଦସ୍ୟ (ନିର୍ଦ୍ଦେଶକ) ପଦବୀ ହାସଲ ନିମନ୍ତେ ଦିଗପହଣ୍ଡିରେ କଂଗ୍ରେସ, ବିଜେଡ଼ି କମ୍ୟୁନିଷ୍ଟ ସମେତ ଭାଜପା ରଣନୀତି ପ୍ରସ୍ତୁତ କରିଛି। ସ୍ଥିତି ଜାହିର କରିବା ପାଇଁ ବିଭିନ୍ନ ରାଜନୈତିକ ଦଳ ନିଜ ନିଜ ମଧ୍ୟରେ ଛକାପଞ୍ଝା ଆରମ୍ଭ କରିଛନ୍ତି। ସେହିପରି ଦିଗପହଣ୍ଡି ବ୍ଲକ ଅଧିନ ୨୪ଟି ପ୍ରାଥମିକ ସେବା ସମବାୟ ସମିତଗୁଡିକରେ ମଧ ଛକାପଞ୍ଝା ଆରମ୍ଭ ହୋଇଯାଇଛି।

ବ୍ରହ୍ମପୁର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଅଧିନ ୨୦ଟି ଏବଂ ଆସିକା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଅଧିନ ୪ଟି ପ୍ରାଥମିକ ସେବା ସମବାୟ ସମିତି ପାଇଁ ୨ଟି ପର୍ଯ୍ୟାୟରେ ନିର୍ବାଚନ କରାଯିବ। ଆସନ୍ତା ଜୁନ ୧୯ତାରିଖରେ ପ୍ରଥମ ପର୍ଯ୍ୟାୟ ଏବଂ ୨୬ରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ହେବ। ଦିଗପହଣ୍ଡି ସେବା ସମବାୟ ସମିତିରେ ନିର୍ବାଚନ କାର୍ଯ୍ୟ ପରିଚାଳନା ପାଇଁ ନିର୍ବାଚନ ଅଧିକାରୀ ଭାବେ ଘନଶ୍ୟାମ ପତିଙ୍କୁ ନିଯୁକ୍ତ କରାଯାଇଛି। ସେହିପରି ପ୍ରତ୍ୟେକ ସେବା ସମବାୟ ସମିତି ଗୁଡ଼ିକ ନିମନ୍ତେ ନିର୍ବାଚନ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି। ପ୍ରତ୍ୟେକ ସେବା ସମବାୟ ସମିତିକୁ ୧୫ ଟି ଜୋନରେ ବିଭକ୍ତ କରାଯାଇଛି। ଗତ ୧୮ ଡିସେମ୍ବର ୨୦୨୧ ପର୍ଯ୍ୟନ୍ତ ଯେଉଁମାନେ ସମବାୟ ସମିତିରେ ସଭ୍ୟ ଥିବେ ସେହିମାନଙ୍କୁ ନେଇ ଜୋନ(ନିର୍ବାଚନ ମଣ୍ଡଳୀ) ଗଠନ କରାଯାଇଛି। ସମବାୟ ନିର୍ବାଚନ ପାଇଁ ଅନୁସୂଚିତ ଜାତି/ଜନଜାତି ବର୍ଗର ସଭ୍ୟାସଭ୍ୟମାନଙ୍କର ଆକାଉଣ୍ଟରେ ଶହେ ଟଙ୍କା ଏବଂ ସାଧାରଣ ବର୍ଗଙ୍କ ୫ ଶହ ଟଙ୍କା ଗତ ୧୮ ଡିସେମ୍ବର ୨୦୨୧ ସୁଦ୍ଧା ଜମା ରହିଥିବ, ସେହି ସଭ୍ୟା ସଭ୍ୟମାନେ ନିର୍ବାଚନ ପ୍ରକ୍ରିୟା ଓ ଭୋଟ ଦାନରେ ଭାଗ ନେ ପାରିବେ ବୋଲି ଗାଇଡ ଲାଇନ ଥିବା ଗଞ୍ଜାମ ଜିଲା ସହକାରୀ ସମବାୟ ନିବନ୍ଧକ ଶିବ ପ୍ରସାଦ ସ୍ୱାଇଁ ସୂଚନା ଦେଇଛନ୍ତି।

# ଗଞ୍ଜାମ ଜିଲା ନାଟ୍ୟ ନିର୍ଦ୍ଦେଶକ ସଂଘ ବୈଠକ



ବୈଠକରେ ଉପସ୍ଥିତ ସଂଘ ସଦସ୍ୟ ବୃନ୍ଦ।

**ବ୍ରହ୍ମପୁର ଅଫିସ,୨୯।୫**

ଓଡ଼ିଶା ମୁକ୍ତ ମଞ୍ଚ ନାଟ୍ୟ ନିର୍ଦ୍ଦେଶକ ସଂଘ ସହବନ୍ଧିତ ଗଞ୍ଜାମ ଜିଲା ଶାଖା ନାଟ୍ୟ ନିର୍ଦ୍ଦେଶକ ସଂଘର ଏକ ବୈଠକ ରବିବାର ରାଜସ୍ୱ ଡାକବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ରାଜଗୋପାଳ ପାଢୀ ସଭାପତିତ୍ୱ କରିଥିଲେ। ସମ୍ପାଦକ କୃଷ୍ଣ ଚନ୍ଦ୍ର ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବୈଠକରେ ଉନ୍ନତ ନାଟକ ପାଇଁ ନାଟ୍ୟ ନିର୍ଦ୍ଦେଶକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ ନାଟ୍ୟ ଅଭ୍ୟାସ ଅଧିକ ଦିନ ହେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହ ସଂଘ ପକ୍ଷରୁ ଅସ୍ଥାୟୀ ଭାବେ ୬ ମାସ ପାଇଁ ଥିବା କମିଟିକୁ ଆସନ୍ତା ୧ ବର୍ଷ ପାଇଁ ବୃଦ୍ଧି କରାଯାଇ ରାଜଗୋପାଳ ପାଢୀଙ୍କୁ ପୁନଃ ସଭାପତି ଓ କୃଷ୍ଣଚନ୍ଦ୍ର ପଣ୍ଡାଙ୍କୁ ସମ୍ପାଦକ ଦାୟିତ୍ୱ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଘ ରାଜ୍ୟ ଉପସଭାପତି ଟୁଟୁ ପାଢୀଙ୍କ ସମେତ ମଦନ ମିଶ୍ର, ରମେଶ ମହାରଣା, ଡା.ତିରୁପତି ସାହୁ, ଏନ୍.ରାମବାବୁ, ରବି ନାରାୟଣ ବେହେରା, ଦେବେନ୍ଦ୍ର ପ୍ରସାଦ ଶର୍ମା, ରବୀନ୍ଦ୍ରନାଥ ପାଢୀ, ଅକ୍ଷୟ କୁମାର ମହାନ୍ତି, ମୃତ୍ୟୁଞ୍ଜୟ ତ୍ରିପାଠୀ, ଭାସ୍କର ସେନାପତି ଓ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ମନ୍ଦିରରୁ ଚୋରି ଘଟଣା: ୩ ଗିରଫ, ୨ ନାବାଳକଙ୍କ ସମ୍ପୃକ୍ତି

**ପାରଳାଖେମୁଣ୍ଡି,୨୯।୫(ଡି.ଏନ୍.ଏ.)**



ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ସୂଚନା ଦେଉଛି।

ପାରଳାଖେମୁଣ୍ଡି ସହରର କେଉଟସାହି ଠାରେ ଥିବା ପ୍ରସନ୍ନ ଭେଙ୍କେଟେଶ୍ୱର ସ୍ୱାମୀ ମନ୍ଦିରରୁ ଚୋରି ଘଟଣାର ପର୍ଦ୍ଦାଫାସ କରିଛି ପୋଲିସ। ଚୋରି ଘଟଣାରେ ୫ ଜଣ ସମ୍ପୃକ୍ତ ଥିବା ବେଳେ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କେଉଟ ସାହିର ଶିବ ପ୍ରସାଦ ଜେନା, ବୋମାଳି ଭେଙ୍କଟ ରାଓ ଓ ପୋଷ୍ଟାଲ କଲୋନୀର କୋଟା ରାଧାକୃଷ୍ଣ। ଅନ୍ୟ ୨ ଅଭିଯୁକ୍ତ ନାବାଳକ ବୋଲି ପାରଳାଖେମୁଣ୍ଡି ଆଦର୍ଶ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି।

ମହାପ୍ରଭୁଙ୍କ ମୂର୍ତ୍ତିର ୪ଟି ରୁପା ମୁକୁଟ, ଗୋଟିଏ ରୁପା ପାଦୁକା, ଗୋଟିଏ ଅଷ୍ଟଲକ୍ଷ୍ମୀଙ୍କ ଛୋଟିଆ ରୁପା ହାଣ୍ଡି, ଦୁଇ ଗୋଟି ରୁପା ଲ୍ୟାମ୍ପ, ୩ଟି ରୁପା କପ, ୪ଟି ରୁପା ଥାଳି, ଦୁଇ ଗୋଟି ବଡ ଦୀପାଳୀ ଏବଂ ନଗଦ ୨୬ହଜାର ଟଙ୍କା ଲୁଟ ହୋଇଥିବା ଥନା ଅଧିକାରୀ କହିଛନ୍ତି।

ଗତ ୨୫ ତାରିଖରେ ମନ୍ଦିରର ପୂଜକ ଅନୁମାଞ୍ଚିପଲ୍ଲି ରାଜଗୋପାଳଚାରୀ ଥାନାରେ ଅଭିଯୋଗ କରିଥିଲେ ଯେ, ମନ୍ଦିରର ସ୍କାଇଲାଇଟ ଓ ଏକଜିଟିଙ୍ଗ ଫ୍ୟାନ ଭାଙ୍ଗି ଦୁର୍ବୃତ୍ତମାନେ ବହୁମୂଲ୍ୟ ରୁପା ସାମଗ୍ରୀ ସହ ନଗଦ ଟଙ୍କା ଚୋରି କରି ନେଇଛନ୍ତି। ପୋଲିସ ନଂ.୭୨ନମ୍ବରରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏସ୍‌ପି ଜୟରାମ ଶତପଥୀଙ୍କ ନିର୍ଦ୍ଦେଶକ୍ରମେ ଏତଲାବେଳେ ଦୁଇନାବାଳକଙ୍କ ସମେତ ମୋଟ ୫ଜଣ ଏହି ଘଟଣାରେ ସମ୍ପୃକ୍ତ ଥିବାର ଜାଣିବାକୁ ପାଇଥିଲେ। ଏହାପରେ ସେମାନଙ୍କୁ ତୁରନ୍ତ ଠାବ କରାଯାଇଛି ।

# ମିଳିଲା ମୃତକଙ୍କ ପରିଚୟ

## ରେଳଧାରଣାରୁ ମୃତଦେହ ଜବତ ଘଟଣା

**ବ୍ରହ୍ମପୁର ଅଫିସ,୨୯।୫**

ସରକାରୀ ରେଳବାଇ ପୋଲିସ (ଜିଆରପି) ଶନିବାର ରେଳଧାରଣାରୁ ଦୁଇ ଜଣଙ୍କ ମୃତଦେହ ଜବତ କରିଥିଲା। ରବିବାର ପୋଲିସ ଜଣେ ବ୍ୟକ୍ତିଙ୍କ ପରିଚୟ ସ୍ପଷ୍ଟ କରିଛି। ଅନ୍ୟପଟେ ଅନ୍ୟ ଜଣେ ଯୁବକଙ୍କ ପରିଚୟ ବର୍ତ୍ତମାନ ସୁଦ୍ଧା ମିଳି ନ ଥିବା ପୋଲିସ କହିଛି। ଚିହ୍ନଟ ହୋଇଥିବା ମୃତବ୍ୟକ୍ତି ଜଣଙ୍କ ହେଲେ କେ.ନୂଆଗାଁ ଥାନା ଅନ୍ତର୍ଗତ ରମ୍ଭା ଗ୍ରାମର ଡି.ଆପ୍ପା ରାଓ (୫୩)। ଏ ନେଇ ପୋଲିସ ୩୩/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ପ୍ରାଥମିକ ଅନୁସନ୍ଧାନରୁ ଆପ୍ପା ରାଓ କୌଣସି ଘରୋଇ ଅଶାନ୍ତିକୁ କେନ୍ଦ୍ରକରି ଟ୍ରେନ ଆଗରେ ଶୋଇ ରେଳଧାରଣାରେ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ପ୍ରକାଶ ଯେ, ଶନିବାର କନିଷ୍ଠି-ଶିହଳା ଲେଭଲ କ୍ରସିଂ ନିକଟ ରେଳଧାରଣାରେ ଜଣେ ଲୋକଙ୍କ ମୃତଦେହ ପଡିଥିବା ପୋଲିସ ଖବର ପାଇ ମୃତଦେହ ଜବତ କରିଥିଲା। ତାଙ୍କ ପରିଚୟ ମିଳି ନ ଥିବାରୁ ମୃତଦେହଟିକୁ ସଂରକ୍ଷଣ ଗୃହରେ ରଖାଯାଇଥିଲା। ଅନ୍ୟପଟେ ଡି. ବିବେକ କୁମାର ବାପାଙ୍କ ମୃତ୍ୟୁ ଖବର ପାଇ ଜିଆରପି ଥାନାରେ ପହଞ୍ଚିଥିଲେ। ପରେ ପୋଲିସ ସହ ସେ ଏମ୍‌କେସିଜିର ମୃତଦେହ ସଂରକ୍ଷଣ କକ୍ଷକୁ ଯାଇଥିଲେ। ସେଠାରେ ବିବେକ ନିଜ ବାପାଙ୍କ ମୃତଦେହ ଚିହ୍ନଟ କରିଥିଲେ ବୋଲି ପୋଲିସ କହିଛି।

# ଲୁଟେରାଙ୍କ ସୁରାକ ପାଇପାରୁନି ପୋଲିସ

## ସୁନାହାର ଲୁଟ ଘଟଣା

**ବ୍ରହ୍ମପୁର ଅଫିସ,୨୯।୫**

ବ୍ରହ୍ମପୁର ସହରରେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରୁଥିବା କହୁଛି। ପ୍ରତ୍ୟେକ ଥାନାରେ ଜଣେ ଏସ୍ଆଇଙ୍କ ନେତୃତ୍ୱରେ ଏକ ପିଓପିଡି (ପ୍ରପର୍ଟି ଅଫେନ୍ସ ଆଣ୍ଡ ପ୍ରପର୍ଟି ଡିଫେନ୍ସ) ଟିମ୍ ଗଠନ ହୋଇଛି। ଉକ୍ତ ଟିମ୍ ଚୋର ଓ ଲୁଟେରାଙ୍କୁ ଧରିବା ପାଇଁ ସେମାନଙ୍କ ଗତିବିଧି ଉପରେ ନଜର ରଖୁଛି। ଏହା ସତ୍ତ୍ୱେ ମଧ ଦୁଇ ଦୁଇଟି ଥାନା ଅଞ୍ଚଳରୁ ପୃଥକ୍ ଭାବେ ମହିଳାଙ୍କ ବେକରୁ ଲୁଟେରାମାନେ ସୁନାହାର ଲୁଟି ନେଇଯାଇଥିଲେ। ଘଟଣାର ଅଢେଇ ମାସ ବିତିଥିଲେ ମଧ ପୋଲିସକୁ ମିଳୁନି ଲୁଟେରାଙ୍କ ସୁରାକ। ଫଳରେ ପୋଲିସର ମୁଣ୍ଡବ୍ୟଥା ଏବେ ବଢିଯାଇଛି। ଗତ ମାର୍ଚ୍ଚ ୫ରେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଗୋବିନ୍ଦବିହାର ନିକଟରେ ଜ୍ୟୋତିନଗର ୪ର୍ଥ ଲେନ୍‌ରେ ରହୁଥିବା ପ୍ରତିଭା କୁମାରୀ ପାଢ଼ୀ ତାଙ୍କ ପୁତୁରାଙ୍କ ବାଇକ୍‌ରେ ବସି ଯାଉଥିଲେ। ତେବେ ଦୁଇ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ତାଙ୍କ ଗାଡି ପାଖକୁ ଆସି ଧକ୍କା ଦେଇଥିଲେ। ମହିଳା ଜଣଙ୍କ ତଳେ ପଡିଯିବାରୁ ସେମାନେ ତାଙ୍କ ବେକରୁ ୨ଭରି ଓଜନର ଏକ ସୁନା ଚେନ ଝାମ୍ପି ନେଇ ଯାଇଥିଲେ। ପରେ ମହିଳା ଜଣଙ୍କ ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ସଂକ୍ରାନ୍ତରେ ୫୭/୨୨ରେ ଏ ମାମଲା ରୁଜୁ କରିଥିଲା। ସେହିପରି ବଡବଜାର ଥାନା ଅନ୍ତର୍ଗତ ପାଣିଗ୍ରାହୀ ପେଣ୍ଠ ନିକଟ ବ୍ରଜନଗରର ଏ.ଗାୟତ୍ରୀ ସୁବୁଦ୍ଧି ମାର୍ଚ୍ଚ ୭ ସନ୍ଧ୍ୟାରେ ବଜାରରୁ ଘରକୁ ଫେରୁଥିଲେ। ଜଣେ ଯୁବକ ବାଇକରେ ଆସି ତାଙ୍କ ବେକରୁ ୧୮ ଗ୍ରାମର ଏକ ସୁନାଚେନ ଝାମ୍ପି ନେଇଥିଲେ। ସେ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୪୩/୨୨ରେ ଏକ ମାମଲା ରୁଜୁ କରିଥିଲା। ଏପରି କି ପୋଲିସ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ କରିବା ସହ ପେସାଦାର ଲୁଟେରାଙ୍କ ଉପରେ ନଜର ରଖିଥିବା କହିଥିଲା।

# ସଂସ୍କାରବାଦୀ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧନା ସଭା

**ବ୍ରହ୍ମପୁର ଅଫିସ,୨୯।୫**

ସଂସ୍କାରବାଦୀ ସଂଗଠନ ପକ୍ଷରୁ ଓଡ଼ିଆରେ ନିମନ୍ତ୍ରଣପତ୍ର ଛପାଇଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏ ନେଇ ସଂଘ ପକ୍ଷରୁ ରବିବାର ସନ୍ତୋଷୀ ମା' ମନ୍ଦିର କଲ୍ୟାଣ ମଣ୍ଡପଠାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରହ୍ମପୁର ଏସ୍‌ପି ଶ୍ରବଣା ବିବେକ ଏମ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତ୍ୟେକ ଭାରତୀୟ ନିଜ ମାତୃଭାଷାକୁ ଭଲ ପାଇବା ଆବଶ୍ୟକ ବୋଲି ଏସ୍‌ପି କହିଥିଲେ। ସମ୍ମାନିତ ଅତିଥି ଏସ୍‌ଏମ୍ଆଇଟି ସଭାପତି ଭଗବାନ ଗନ୍ତାୟତ ଯୋଗ ଦେଇ ସଂସ୍କାରବାଦୀ ସଂଗଠନ ଦୀର୍ଘବର୍ଷ ଧରି ଭାଷା ଆନ୍ଦୋଳନ କରୁଛି। ରାଜ୍ୟ ସରକାର ନାମଫଳକ ଓଡ଼ିଆରେ ଲେଖିବା ନିର୍ଦ୍ଦେଶକୁ ସଭିଏ ଅନୁକରଣ କରିବା ପାଇଁ ସେ କହିଥିଲେ। ଅନ୍ୟତମ ଅତିଥି ସାହିତ୍ୟିକ ଓ ଲେଖକ ଡା.ରାଜେନ୍ଦ୍ର କୁମାର ବେହେରା ଯୋଗଦେଇ ଓଡ଼ିଆ ଭାଷା ସୃଷ୍ଟିର ବୟସ ଓ ଭାଷାର ରୁଚି ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘ ସଭାପତି ତ୍ରିନାଥ ମହାରଣା, ଉପସଭାପତି ପ୍ରଭାତ କୁମାର ମିଶ୍ରଙ୍କ ସମେତ ପ୍ରମୋଦ କୁମାର ସାହୁ, ପରିକ୍ଷିତ ବେହେରା, ପଙ୍କଜ କୁମାର ନାୟକ, ସମୀର କୁମାର ଆଚାର୍ଯ୍ୟ, ସନ୍ତୋଷ କୁମାର ମହାନ୍ତି, ହିମାଂଶୁ ଶେଖର ପଟ୍ଟନାୟକ, ଶିବ ପ୍ରସନ୍ନ ମିଶ୍ର ଓ ମୋହନ ଚରଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟସ୍ତରୀୟ ବକ୍ସିଂ ଚୟନକର୍ତ୍ତା କମିଟିରେ ଗଞ୍ଜାମ ବକ୍ସିଂ କୋଚ

**ବ୍ରହ୍ମପୁର ଅଫିସ,୨୯।୫**

ଚଳିତ ବର୍ଷ ଜୁଲାଇ ଓ ଅଗଷ୍ଟରେ ଇଂଲଣ୍ଡର ବର୍ମିଂହାମ୍‌ଠାରେ କମନ ୱେଲ୍‌ଥ ଗେମ୍ସ -୨୦୨୨ ଅନୁଷ୍ଠିତ ହେବ। ଏହା ପୂର୍ବରୁ ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ପଞ୍ଜାବର ପଟିଆଲାଠାରେ ମେ ୩୧ରୁ ଜୁନ୍ ୧ ପର୍ଯ୍ୟନ୍ତ ଜାତୀୟ ପୁରୁଷ ବକ୍ସିଂ ଚୟନ ଶିବିର ଅନୁଷ୍ଠିତ ହେବ। ଏହି ଜାତୀୟ ବକ୍ସିଂ ଦଳ ଚୟନ ଶିବିର ନିମନ୍ତେ ଓଡ଼ିଶାରୁ ଏକମାତ୍ର ରେଫେରି ଭାବେ ଜିଲା କ୍ରୀଡ଼ା ସଂଘର ବକ୍ସିଂ କୋଚ ଶିଶିର କୁମାର ପାଣିଗ୍ରାହୀଙ୍କୁ ଚୟନ କର୍ତ୍ତା କମିଟି ସଦସ୍ୟ ରୂପେ ମନୋନୀତ କରାଯାଇଛି। ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ମିଳିଥିବା ଏହି ସମ୍ମାନ ପରେ ଓଡ଼ିଶା ବକ୍ସିଂ ସଂଘ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। କୋଚ ପାଣିଗ୍ରାହୀ ଜାତୀୟସ୍ତରୀୟ ବକ୍ସିଂ ଚୟନ ଶିବିର ନିମନ୍ତେ ରବିବାର ପଟିଆଲା ଅଭିମୁଖେ ଯାତ୍ରା କରିଛନ୍ତି।

# ପ୍ରତାରଣା ଅଭିଯୋଗରେ ଯୁବକ ଗିରଫ

**ବ୍ରହ୍ମପୁର ଅଫିସ,୨୯।୫**



ଗିରଫ ଯୁବକ ।

ଜଣେ ବିଧବାଙ୍କୁ ପ୍ରତାରଣା କରିଥିବା ଅଭିଯୋଗରେ ବଡବଜାର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ସାପୁଆପଲିର ନାରାୟଣ ପାଢ଼ୀ(୨୭)। ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କ ପୃଥକ୍ ଭାବେ ଏମ୍‌କେସିଜିରେ ଡାକ୍ତରୀ ମାଇନା କରାଯାଇଛି। ମାମଲା ନମ୍ବର ୧୨୨/୨୨ରେ ପୋଲିସ ରବିବାର ଅଭିଯୁକ୍ତ ନାରାୟଣଙ୍କୁ କୋର୍ଟ ଚାଲାଣ କରିଛି। କୋର୍ଟ ନିର୍ଦ୍ଦେଶ ଅନୁଯାୟୀ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ପୋଲିସ କହିଛି। କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯିବ ବୋଲି ପୋଲିସ କହିଛି।

ପ୍ରକାଶ ଯେ, ନାରାୟଣ ମୁମ୍ବାଇରେ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ଦୁଇ ବର୍ଷ ତଳେ ବ୍ରହ୍ମପୁର ବଡବଜାର ଥାନା ଅଞ୍ଚଳରେ ରହୁଥିବା ଜଣେ ବିଧବାଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିଲା। ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ସେ ଉକ୍ତ ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏପରି କି ତାଙ୍କୁ ସେ ପୁରୀ, ରାଉରକେଲା ଓ ବିଶାଖାପାଟଣା ଆଦି ସ୍ଥାନକୁ ନେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ମହିଳା ଜଣଙ୍କ ନାରାୟଣଙ୍କୁ ବିବାହ କରିବାକୁ କହିଥିଲେ। ଅନ୍ୟପଟେ ନାରାୟଣଙ୍କର ଅନ୍ୟତ୍ର ବିବାହ ପାଇଁ ସ୍ଥିର ହୋଇଥିଲା। ବିଧବା ଜଣଙ୍କ ନାରାୟଣଙ୍କୁ ବିବାହ କରିବାକୁ ବାଧ୍ୟ କରିଥିଲେ। ସେ ଉକ୍ତ ମହିଳାଙ୍କୁ ବିବାହ କରିବି ନାହିଁ ବୋଲି କହିବା ସହ ଏନେଇ ଜିଦ୍ କଲେ ଜୀବନରେ ମାରିଦେବାକୁ ଧମକ ମଧ ଦେଇଥିଲେ। ପରେ ମହିଳା ଜଣଙ୍କ ଏନେଇ ବଡ ବଜାର ଥାନାରେ ଅଭିଯୋଗ କରିଥିଲେ।

# ଚିତ୍ରାଳୟ ମାଲିକ ସଂଘର ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ସଂଘର ସଦସ୍ୟ ବୃନ୍ଦ।

**ବ୍ରହ୍ମପୁର ଅଫିସ,୨୯।୫**

ଓଡ଼ିଶା ଚିତ୍ରାଳୟ ମାଲିକ ସଂଘର ଅର୍ଦ୍ଧବାର୍ଷିକ ଉତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ଗୋଷାଣୀନୂଆଗାଁଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ଦିଲୀପ କୁମାର ସାମନ୍ତରା ଅଧକ୍ଷତା କରିଥିଲେ। ଜୁନ୍ ଶେଷ ସପ୍ତାହରେ ସଂଘ ଅର୍ଦ୍ଧବାର୍ଷିକ ଉତ୍ସବ ପାଳନ ପାଇଁ ବୈଠକରେ ସ୍ଥିର ହୋଇଥିଲା। ଏଥିରେ ରାଜ୍ୟ ଚିତ୍ରାଳୟର ସମସ୍ତ ମାଲିକ ଉପସ୍ଥିତ ରହିବାକୁ ସମ୍ପାଦକ ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟନାରାୟଣ ଆଚାରୀ, ଭୀମରାଜ ପାତ୍ର, ବୀରେନ ପାଢ଼ୀ, ମନୋଜ ବରାଡ଼, ଲମ୍ବୋଦର ଦାଶ, ଯୋଗେନ୍ଦ୍ର ପ୍ରଧାନ, ପ୍ରତାପ ରଞ୍ଜନ ସାହୁ, ବିଶ୍ୱେଶ୍ୱର ସାହୁ, ଧନୁ ବେହେରା, ସରୋଜ ମହାନ୍ତି ଓ ସନ୍ତୋଷ ବେହେରାଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ। ସଂଘ ଉପସଭାପତି ଧ୍ରୁବ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ସିପିଆଇ(ଏମ୍ଏଲ୍) ରେଡ୍‌ଷ୍ଟାର ପକ୍ଷରୁ ସ୍ମୃତିଚାରଣ ସଭା

**ବ୍ରହ୍ମପୁର ଅଫିସ,୨୯।୫**

ସିପିଆଇ(ଏମ୍ଏଲ୍) ରେଡ୍‌ଷ୍ଟାରର ପୂର୍ବତନ ରାଜ୍ୟ ସମ୍ପାଦକ ତଥା ପଲିଟ୍‌ବ୍ୟୁରୋ ସଦସ୍ୟ କମ୍ରେଡ ଶିବରାମଙ୍କ ସ୍ମୃତିଚାରଣ ସଭା ଶନିବାର ଗେଟ୍‌ବଜାରସ୍ଥିତ ଏନଜିଓ ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିପିଆଇ (ଏମ୍ଏଲ୍) ରେଡଷ୍ଟାର ଗଞ୍ଜାମ ଜିଲା କମିଟି ଜିଲା ସମ୍ପାଦକ ଶଙ୍କର ସାହୁ ଅଧକ୍ଷତା କରିଥିଲେ। ସଭାରେ ବରିଷ୍ଠ ଆଇନଜୀବୀ ଭଗବାନ ସାହୁ, ସିପିଆଇ(ଏମ୍)ର ଜିଲା ସମ୍ପାଦକ ଯୁଧିଷ୍ଠିର ବେହେରା, ଏସୟୁସିଆଇ (କମ୍ୟୁନିଷ୍ଟ)ର ଜିଲା ସମ୍ପାଦକ ସୋମନାଥ ବେହେରା, ସିପିଆଇ (ଏମ୍ଏଲ୍)ର ଜିଲା ସମ୍ପାଦକ ନିରାକାର ନାୟକ, ଆଇଏଫ୍‌ଟିୟୁର ପ୍ରତାପ ପ୍ରଧାନ, ବାମସେଫର ଶିବରାମ, ଆମ ଆଦମୀ ପାର୍ଟିର ସୁବାସ ଚନ୍ଦ୍ର ରାଉତ, ବରିଷ୍ଠ ଆଇନଜୀବୀ ସୁବ୍ରମଣ୍ୟମ ରାଓ, ମାନବ ଅଧିକାର ସୁରକ୍ଷା ମଞ୍ଚର ଅବନୀ ଗୟା, ଜୀବନ ଜୀବିକା ଓ ପରିବେଶ ସୁରକ୍ଷା ମଞ୍ଚର ଗୁରୁଦେବ ବେହେରା, ସାମାଜିକ କର୍ମୀ ଲକ୍ଷ୍ମୀ ନୃସିଂହ ରଥ ଅତିଥି ରୂପେ ଯୋଗ ଦେଇଥିଲେ। କମ୍ରେଡ ଶିବରାମ ରାଜନୈତିକ ଜୀବନରେ ତ୍ୟାଗ ଓ ସଂଘର୍ଷ ବଳରେ କିପରି ଶୂନ୍ୟରୁ ଆରମ୍ଭ କରି ଏକ ବିପ୍ଳବୀ କମ୍ୟୁନିଷ୍ଟ ପାର୍ଟି ସିପିଆଇ(ଏମ୍ଏଲ୍) ରେଡ୍‌ଷ୍ଟାର ଦଳକୁ ରାଜ୍ୟରେ ପ୍ରତିଷ୍ଠା କରିବା ସହ ପଲିଟ୍‌ବ୍ୟୁରୋ ସଦସ୍ୟ ହୋଇଥିଲେ ସେ ସମ୍ପର୍କରେ ଅତିଥିମାନେ ମତ ପ୍ରକାଶ କରିଥିଲେ।

# ବୈଦ୍ୟନାଥେଶ୍ୱର ଜୀର୍ଣ୍ଣୋଦ୍ଧାର ଶୈବ ପ୍ରାସାଦ ପ୍ରତିଷ୍ଠା ମହୋତ୍ସବ

**ବ୍ରହ୍ମପୁର ଅଫିସ,୨୯।୫**



ବୈଦ୍ୟନାଥେଶ୍ୱର ମନ୍ଦିର।

ବ୍ରହ୍ମପୁର କମାପଲ୍ଲୀସ୍ଥ ପ୍ରସିଦ୍ଧ ବୈଦ୍ୟନାଥେଶ୍ୱର ମହାଦେବଙ୍କ ଜୀର୍ଣ୍ଣୋଦ୍ଧାର ଶୈବ ପ୍ରାସାଦ ପ୍ରତିଷ୍ଠା ମହୋତ୍ସବ ରବିବାରରୁ ଆରମ୍ଭ ହୋଇଛି। ଏହା ୫ ଦିନ ଚାଲିବ ଏବଂ ଆସନ୍ତା ଗୁରୁବାର ସମାପନ ହେବ। ବୈଦ୍ୟନାଥେଶ୍ୱର ସେବା ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରଥମ ଦିନରେ ଶତାଧିକ ମହିଳା ଓ ପୁରୁଷଙ୍କ ଜଳଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହା ସହ ଦୀକ୍ଷା ଗ୍ରହଣ, ଅଙ୍କୁରାରୋପଣ ଓ ନାମ ଯଜ୍ଞାଧିବାସ ଆରମ୍ଭ କରାଯାଇଥିଲା। ସୋମବାର ବନଯାଗ, ରତ୍ନମୁଦ ଓ ୨୪ ପ୍ରହର ନାମଯଜ୍ଞ ହେବ। ମଙ୍ଗଳବାର ପ୍ରତିଷ୍ଠା ଆରମ୍ଭ ସାଙ୍ଗକୁ ବ୍ରାହ୍ମଣ ବରଣ, ଶାଳା ସଂସ୍କାର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରାଯିବ। ବୁଧବାର ମହାସ୍ନାନ, ଜୀବନ୍ୟାସ ହେବ ଏବଂ ଅନ୍ତିମ ଦିବସରେ ଦେବଦେବଙ୍କ ନଗର ଭ୍ରମଣ ସହ ଯଜ୍ଞରେ ପୂର୍ଣ୍ଣାହୁତି ଦିଆଯିବ।

ପ୍ରତିଷ୍ଠା ମହୋତ୍ସବ ପାଇଁ ସମଗ୍ର କମାପଲ୍ଲୀ ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ମନ୍ଦିର ପରିସରରେ ଚାଲିଥିବା ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ଆରମ୍ଭରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବାରେ ଲାଗିଛି। ଅଶୋକ ନଗର ଓ ବଡ଼ସାହିରେ ଆଲୋକମାଳା ଝଲସୁଛି। ଓଁ ନମଃ ଶିବାୟ ମନ୍ତ୍ର ଧ୍ୱନିରେ ଅଞ୍ଚଳ କମ୍ପୁଛି। ବିଶିଷ୍ଟ ଯଜ୍ଞ ବିଶାରଦ ପଣ୍ଡିତ ଅଶୋକ କୁମାର ପାଢ଼ୀଙ୍କ ତତ୍ତ୍ୱାବଧାନରେ ପୁରୋହିତମାନେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ପୂର୍ବ ପୌରପାଳିକା ସଂସ୍ଥାର ପ୍ରାକ୍ତନ କାଉନସିଲର ତଥା ବୈଦ୍ୟନାଥେଶ୍ୱର ସେବା ପରିଷଦ ସମ୍ପାଦକ ଏନ. ହାଡୁ ପାତ୍ରଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ସଂଯୋଜନା କରୁଛନ୍ତି। ୩୨ ନମ୍ବର ୱାର୍ଡ କର୍ପୋରେଟର ସୁରେନ୍ଦ୍ର ମହାରଣା, ବିଜେଡି ଯୁବ ସଂଗଠନର ରାଜ୍ୟ ସାଧାରଣ ସମ୍ପାଦକ ଧନଞ୍ଜୟ ରାଓ ଏବଂ ଅନ୍ୟମାନେ ସହଯୋଗ କରୁଛନ୍ତି।

